# ମାତୃଭାଷାର ସୁରକ୍ଷା, ବିକାଶକୁ ଗୁରୁତ୍ୱ



ଅତିଥି ଓ ପ୍ରଶାସନିକ ଅଧିକାରୀମାନେ ବରପୁତ୍ରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।



ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ଜିଲାସ୍ତରୀୟ ଓଡ଼ିଶା ଦିବସ

ଢେଙ୍କାନାଳ,୧୪(ରତନ ନାୟାର)

ଢେଙ୍କାନାଳ ଜିଲାସ୍ତରୀୟ ଓଡିଶା ଦିବସ ମଙ୍ଗଳବାର ସନ୍ଧ୍ୟାରେ ସହରସ୍ଥିତ ଗୋପବନ୍ଧୁ ଟାଉନ ହଲଠାରେ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଞ୍ଜନ ସେଠୀ ବରପୁତ୍ରମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ଓଡିଆ ଭାଷାକୁ ଭଲ ପାଇବା ଏବଂ ଏହାର ସୁରକ୍ଷା ଓ ବିକାଶ ଦିଗରେ ଚେଷ୍ଟା କରିବା ପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଓଡିଆ ପ୍ରଦେଶ ଗଠନରେ ସେ ଓଡିଶାର ବରପୁତ୍ରମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଦିବସ ପାଳନ ଉପଲକ୍ଷେ ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ପ୍ରତିଷ୍ଠାନଗୁଡିକ ଆଲୋକମାଳାରେ ସଜ୍ଜିତ ହୋଇଥିଲା। ସକାଳେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ସହର ମଧ୍ୟରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓଡିଶା ଦିବସ ଅବସରରେ ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଓଡିଶା ସଙ୍ଗୀତ ସହର ମଧ୍ୟରେ ଡାକବାଜି ଯନ୍ତ୍ର ଦ୍ୱାରା ଗାନ କରାଯାଇଥିଲା।

# ଭାଷା ସୁରକ୍ଷିତ ହେଲେ ଜାତି ସମୃଦ୍ଧ ହେବ

## ବିଜେଡି ପକ୍ଷରୁ ଓଡ଼ିଶା ଦିବସ ପାଳିତ

ଢେଙ୍କାନାଳ,୧୪(ରତନ ନାୟାର)



କାର୍ଯ୍ୟକ୍ରମରେ ବିଜେଡି ନେତୃବୃନ୍ଦ ଓ କର୍ମକର୍ତ୍ତା।

ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ମଙ୍ଗଳବାର ପୂର୍ବତନ ବିଧାୟକ ସୁଧିର କୁମାର ସାମଲଙ୍କର ଆବାସିକ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ଓଡିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କହିଲେ ଯେ, ଆମର ମାତୃଭାଷା ଓଡିଆ ସୁରକ୍ଷିତ ହେଲେ, ଆମର ଜାତି ଓ ରାଜ୍ୟ ସମୃଦ୍ଧ ହେବ। ଓଡିଆ ଲୋକମାନଙ୍କ ସହ ଆମେ ଓଡ଼ିଆରେ କଥାହୋଇ ଭାଷାକୁ ଗୁରୁତ୍ୱ ଦେବା ସହିତ ନିଜକୁ ଗର୍ବ ଅନୁଭବ କରିବା ଉଚିତ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲା ବିଜେଡି ବିଜୁ କୃଷକ ସଂଗଠନ ସଭାପତି ନରୋତ୍ତମ ସାହୁ, ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, ଜିଲା ଲିଗାଲସେଲ୍ ଅଧ୍ୟକ୍ଷ ତଥା ନବ ନିର୍ବାଚିତ ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର, ବରିଷ୍ଠ ଆଇନଜୀବୀ ପତିତପାବନ ମହାପାତ୍ର, ଜିଲା ବିଜେଡି ଉପସଭାପତି ସୁକାନ୍ତ କୁମାର ମିଶ୍ର, ଜିଲା ପରିଷଦ ସଦସ୍ୟ ଅଶୋକ କୁମାର ପରିଡା ପ୍ରମୁଖ ଉଦବୋଧନ ପ୍ରଦାନ କରି ଓଡିଆ ପ୍ରଦେଶ ଗଠନରେ ଯେଉଁ ମହାପୁରୁଷମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା ସେମାନଙ୍କର ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ ସଭାପତି ବିଭୁ ପ୍ରସାଦ ଦେହୁରୀ, ଗଁଦିଆ ବ୍ଲକ ଯୁବ ସଭାପତି ପ୍ରଦୀପ କୁମାର ରାଉତ, ରବିନ୍ଦ୍ର କୁମାର ମହାନ୍ତି, ସଂଗ୍ରାମ ତ୍ରିପାଠୀ ପ୍ରମୁଖ ଉଦବୋଧନ ପ୍ରଦାନ କରିଥିଲେ। ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଢେଙ୍କାନାଳ ନଗର ବିଜେଡି ସଭାପତି ବିନୋଦ ମହାନ୍ତି, ଜିଲା ସମ୍ପାଦକ ରଞ୍ଜନ କୁମାର ନାୟକ, ମାନସ ମହାରଣା, ଉର୍ବଶୀ ମହାପାତ୍ର, ଶୁଭଲକ୍ଷ୍ମୀ ସାହୁ, ରୁବି ବିଶ୍ୱାଳ ଓ ଶ୍ରଦ୍ଧାଞ୍ଜଳି ସାହୁ ପ୍ରମୁଖ ସହଯୋଗ କରିଥିଲେ । ଜିଲା ବିଜେଡି ଆଇନ ସଂଯୋଜକ ଗଙ୍ଗାଧର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଏହାପରେ ପୂର୍ବତନ ବିଧାୟକ ସୁଧିର କୁମାର ସାମଲ ନିଜର ସମର୍ଥକ ଓ ଦଳୀୟ କର୍ମକର୍ତ୍ତାଙ୍କ ଗହଣରେ ଏକ ଶୋଭାଯାତ୍ରାରେ ଯାଇ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ନବନିର୍ବାଚିତ ଜିଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଢେଙ୍କାନାଳ,୧୪(ରତନ ନାୟାର)

ଢେଙ୍କାନାଳ ଲକ୍ଷ୍ମୀଧର ମ୍ୟୁନିସ୍‌ପାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଷମା ସାହୁଙ୍କୁ ବିଦ୍ୟାଳୟର ପରିଚାଳନା କମିଟି, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ତରଫରୁ ମଙ୍ଗଳବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବନିତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ମମତା ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ସାହୁଙ୍କର ଗୁଣାବଳୀ ସମ୍ପର୍କରେ ଆଲୋକପାତ କରି ଶ୍ରୀମତୀ ସାହୁ ଜଣେ ଛାତ୍ର ବତ୍ସଳା, କର୍ତ୍ତବ୍ୟ ପରାୟଣା ଓ ମେଳାପୀ ଶିକ୍ଷୟିତ୍ରୀଭାବେ ସୁନାମ ଅର୍ଜନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଦାୟୀ ଶିକ୍ଷୟିତ୍ରୀଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ଶେଷରେ କମିଟି ଓ ଶିକ୍ଷୟିତ୍ରୀଙ୍କ ତରଫରୁ ଶ୍ରୀମତୀ ସାହୁଙ୍କୁ ଫୁଲତୋଡ଼ା ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସଙ୍ଗିତା ସାହୁ, ସବିତା ସ୍ୱାଇଁ, ରଶ୍ମିରାଣୀ ଶତପଥୀ, ନର୍ମଦା ଗଡନାୟକ, ମାମା ମିଶ୍ର, ଦୀପିକା ତ୍ରିପାଠୀ, ପ୍ରଜ୍ଞା ପରମିତା ସାହୁ ସହଯୋଗ କରିଥିଲେ।

# ୯୦ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ

ଢେଙ୍କାନାଳ,୧୪(ରତନ ନାୟାର)



ପ୍ରତିଷ୍ଠା ଦିବସରେ ଏସ୍‌ପିଙ୍କ ଗହଣରେ ସମ୍ବର୍ଦ୍ଧିତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ।

ଢେଙ୍କାନାଳ ରିଜର୍ଭ ପୋଲିସ ପଡିଆଠାରେ ମଙ୍ଗଳବାର ସକାଳ ୮ଟା ସମୟରେ ୯୦ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ସମାରୋହ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍‌ପି ଅଭିନବ ସୋନକର ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହିତ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଏହାପରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ପୋଲିସ ଅଧିକାରୀଙ୍କ ମଧ୍ୟରେ ପଣ୍ଡୁଆ ଥାନା ଅଧିକାରୀ ଏସାଇ ଚନ୍ଦ୍ରକାନ୍ତ ସେଠି, ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟ ସାଇବର ସେଲ ଏଏସ୍‌ଆଇ ଶ୍ରୀକୃଷ୍ଣ ଭୋଇ, ସେହିପରି ଟ୍ରାଫିକ କନଷ୍ଟେବଲ ସନ୍ତୋଷ କୁମାର ପିରେଇ, ଏପିଆର କନଷ୍ଟେବଲ ମନୋଜ କୁମାର ବେହେରା, ଓଆର କନଷ୍ଟେବଲ ବେଣୁଧର ସିଂହ, ଏପିଆର ହାବିଲଦାର ବିପିନ ବିହାରୀ ସିଂହ, ଏପିଆର ହାବିଲଦାର କରୁଣାକର ନାୟକ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ପବ୍ଲିକ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନଙ୍କ ସମେତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବେଲଟିକିରି କଲେଜ ଅଧ୍ୟକ୍ଷଙ୍କ ଅବସର ଗ୍ରହଣ

ଢେଙ୍କାନାଳ,୧୪
(ରତନ ନାୟାର)



ଢେଙ୍କାନାଳ ଜିଲା ସଦର ବ୍ଲକ ବେଲଟିକିରି ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ପ୍ରସାଦ ମିଶ୍ର ଶନିବାର ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଅରୁଣ କୁମାର ସାମଲ, ଅଧ୍ୟାପକ ପଙ୍କଜ ଚରଣ ଦେହୁରୀ, ଅଧ୍ୟାପିକା ଲୋପାମୁଦ୍ରା ବେହେରା, ମନ୍ଦାକିନୀ ଦାସ, ଡେମୋନଷ୍ଟ୍ରେଟର ନିରାଶ୍ରୀ ନନ୍ଦ, ବରିଷ୍ଠ କିରାଣୀ ସୁଶାନ୍ତ କୁମାର ମିଶ୍ର ଓ ଗୋବିନ୍ଦପୁର କଲେଜର ବରିଷ୍ଠ କର୍ମଚାରୀ ଦିଲୀପ କୁମାର ଦାସ, କଲେଜର ପୂର୍ବତନ ଗ୍ରନ୍ଥାଗାରିକ ମୁରଲିଧର ମହାରଣା, ସ୍ଥାନୀୟ ସମାଜସେବୀ ଧର୍ମେନ୍ଦ୍ର ଦାସ ଓ ସରପଞ୍ଚ ବଳଭଦ୍ର ସାମଲ ପ୍ରମୁଖ ଅଧ୍ୟକ୍ଷଙ୍କର କର୍ମମୟ ଜୀବନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ନୂତନ ଭାବେ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିବା ଅଧ୍ୟାପକ ବିକାଶ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବିଦାୟୀ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

# କଂଗ୍ରେସ ତରଫରୁ ଓଡ଼ିଶା ଦିବସ ପାଳିତ



ଢେଙ୍କାନାଳ,୧୪(ରତନ ନାୟାର)

ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ଓଡିଶା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପରାମର୍ଶ ଏବଂ ଜିଲା ସଭାପତି ସୁନୀଲ ଦାଶଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବତନ ବରିଷ୍ଠ ଉପସଭାପତିବେଣୁଧର ସାହୁଙ୍କ ନେତୃତ୍ୱରେ ଦିବସ ପାଳିତ ହୋଇଯାଇଛି। ସହରରେ ସ୍ଥାପିତ ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ବ୍ୟାସକବି ଫକୀରମୋହନ ସେନାପତି, ସହିଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହାପରେ ଗାନ୍ଧୀ ମନ୍ଦିରରେ ଏକ ସାଧାରଣ ସଭାରେ ଆୟୋଜିତ ହୋଇ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ଓ ଅନେକ ବରପୁତ୍ରମାନଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଗୌରବମୟ ଇତିହାସ ହେଉଛି ଆମର ଅସ୍ମିତା ଏବଂ ଏହାକୁ ରକ୍ଷା କରିବା ସମସ୍ତ ଓଡ଼ିଆଙ୍କର କର୍ତ୍ତବ୍ୟ ବୋଲି ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିପ୍ରଚରଣ ସାହୁ, ବରିଷ୍ଠ ନେତା ରବି ନାରାୟଣ ମହାନ୍ତି, ଡାକ୍ତର ତୁଷାର କାନ୍ତି ନାୟକ, ନିଶାକର ସାହୁ, ଜିତେନ୍ଦ୍ର ସାହୁ, ଫକୀର ଚରଣ ବେହେରା, ଅମ୍ଳାନ ଖଟୁଆ, ରୁଦ୍ର ପ୍ରକାଶ ଶରଣ, ଅଖିଳ ମହାପାତ୍ର, ମହମ୍ମଦ ଏର୍ସାଦ୍, ଉର୍ମିଳା ଦାଶ, ଗୟାଧର ସେଠୀ, ନକୁଳ ଦାସ ପ୍ରମୁଖ ଯୋଗଦାନ କରି ନିଜର ବକ୍ତବ୍ୟ ରଖିଥିଲେ ।

# ସାଇ ସତ୍‌ସଙ୍ଗ ସେବା ପକ୍ଷରୁ ଜଳଛତ୍ର



ଢେଙ୍କାନାଳ,୧୪(ରତନ ନାୟାର)

ଢେଙ୍କାନାଳ ରଥଗଡାଠାରେ ସାଇ ସତସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ଜଳଛତ୍ରର ଶୁଭାରମ୍ଭ କରାଯାଇଛି । ଅତିରିକ୍ତ ଜିଲାପାଳ ରମେଶ ସେଠି ଯୋଗଦେଇ ଜଳଛତ୍ରର ଶୁଭାରମ୍ଭ କରିଥିଲେ । ଅସହ୍ୟ ତାତି ଓ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ ଏହି ଜଳଛତ୍ର ଦ୍ୱାରା ଉଠା ଦୋକାନୀ, ଗ୍ରାହକ ଓ ଯାତ୍ରୀମାନେ ଉପକୃତ ହୋଇପାରିବେ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ । ଆଗାମୀ ଦିନରେ ଆଉ ଦୁଇ ତିନି ଜାଗାରେ ଜଳଛତ୍ର ଖୋଲାଯିବା ସହିତ ପଶୁ ପକ୍ଷୀଙ୍କ ପାଇଁ ଜଳକୁଣ୍ଡ କରାଯିବ ବୋଲି ଟ୍ରଷ୍ଟର ସଦସ୍ୟ ଅମରେନ୍ଦ୍ର ଖୁଣ୍ଟିଆ ସୂଚନା ଦେଇଥିଲେ । ଗୁରୁବାର ଦହି ସରବତ ବଣ୍ଟନ କରାଯିବ ବୋଲି ମହିଳା ସଭାପତି ଗୀତାଞ୍ଜଳି ମହାପାତ୍ର ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଶିଶୁ ବିଦ୍ୟାମନ୍ଦିରରେ ଓଡ଼ିଶା ଦିବସ

ଓଡ଼ାପଡ଼ା, ୧୪ (ରଞ୍ଜିତ ନାୟକ)

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଧଳପୁରଠାରେ ଉତ୍କଳ ଦିବସ, ବିଦ୍ୟାରମ୍ଭ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଓଡ଼ିଶା ପ୍ରବଚନ ସଂଘର ସଭାପତି ପ୍ରତାପ କିଶୋର ନନ୍ଦ ଯୋଗଦେଇଥିଲେ ଓ ଶିଶୁ ଭାଇଭଉଣୀମାନଙ୍କୁ ମାର୍ଗଦର୍ଶନ କରାଇଥିଲେ। ବିଦ୍ୟାଳୟର ପରିଚାଳନା ସମିତିର ସମସ୍ତ ସଦସ୍ୟସଦସ୍ୟା ଉପସ୍ଥିତ ଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ଅମର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରୀୟ ନବ ବର୍ଷ ଅବସରରେ ଗଣଦୌଡ଼



ଭୁବନ, ୧୪ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଶ୍ରୀରାମ ନବମୀ ମହୋତ୍ସବ କମିଟି ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳନ ଅବସରରେ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଭୁବନ ଏନଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଅରୁଣ ନାୟକ, ଦେବବ୍ରତ ପୃଷ୍ଟି ଓ ଅଜିତ କୁମାର ବିହାରୀ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆବାହକ ଦିଲ୍ଲିପ ଦାସ ପରିଚାଳନା କରିଥିବା ବେଳେ ଶତାଧିକ ଛାତ୍ରୀଛାତ୍ର ଯୁବତୀଯୁବକ ଯୋଗଦେଇଥିଲେ। ସରୋଜ ସାହୁ, ହୃଷୀକେଶ ସାହୁ, ଶିବଦତ୍ତ ବିଶକର୍ମା, ଜଗବନ୍ଧୁ ବିହାରୀ, ନିରଞ୍ଜନ ଗୁରୁ, କମଳ ମହାରଣା, ବିକାଶ ସାହୁଙ୍କ ସହଯୋଗ କରିଥିଲେ।

# ମଧୁସୂଦନ ଦାସଙ୍କ ସ୍ମୃତିଚାରଣ କଲେ ଛାତ୍ରୀଛାତ୍ର

ଭୁବନ, ୧୪ (ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ନୂଆ ଭୁବନ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଉତ୍କଳ ଦିବସ ପାଳନ କରାଯାଇଛି। ଛାତ୍ରୀଛାତ୍ରମାନେ ମହାପୁରୁଷଙ୍କ ନିତି ଆଦର୍ଶରେ ନିଜକୁ ଅନୁପ୍ରାଣିତ ହେବା ପାଇଁ ଶପଥ କରିଥିଲେ। ସେଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାପୁରୁଷଙ୍କ ମହାନତା ଛାତ୍ରୀଛାତ୍ର ଜୀବନଶୈଳୀକୁ ପରିବର୍ତ୍ତନ କରିବାର ମୂଳମନ୍ତ୍ର ବୋଲି କହିଥିଲେ। ସେଥିରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀ ଉପରେ ଆଧାରିତ ଏକାଙ୍କିକା ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ସରକାରଙ୍କ ନିୟମକୁ ଆଧାର କରି ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ପରିଚାଳନା କମିଟ ସଭାପତି ବିପିନ ବିହାରୀ ସେଠୀଙ୍କ ଦ୍ୱାରା ମାଣ୍ଡିଆ ଲଡୁବଣ୍ଟନ କରାଯାଇଥିଲା।

# ୧୯ବର୍ଷରୁ କମ୍ ଫୁଟ୍‌ବଲ ଖେଳାଳି ଚୟନ

ଢେଙ୍କାନାଳ,୧୪(ରତନ ନାୟାର)

ଚଳିତ ବର୍ଷ ଫୁଟ୍‌ବଲ୍ ଆସୋସିଏଶନ୍ ଅଫ୍ ଓଡିଶା ପକ୍ଷରୁ ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି । ଢେଙ୍କାନାଳ ଜିଲାର ୧୯ ବର୍ଷରୁ କମ୍ ବର୍ଗର ସମସ୍ତ ଫୁଟ୍‌ବଲ୍ ଆଗ୍ରହୀ ଖେଳାଳିମାନେ ୧.୧.୨୦୦୭ ଠାରୁ ୩୧.୧୨.୨୦୦୯ ମଧ୍ୟରେ ଜନ୍ମ ହୋଇଥିବା ଆବଶ୍ୟକ। ସେମାନେ ନିଜର ଜନ୍ମ ପ୍ରମାଣପତ୍ର, ଆଧାରକାର୍ଡ ଓ ୨ଟି ପାସ୍‌ପୋର୍ଟ ଫଟୋ ସହିତ ଯୋଗାଯୋଗ ନମ୍ବର ଦେଇ ୨.୪.୨୦୨୫ରିଖଠାରୁ ୫.୪.୨୦୨୫ରିଖ ମଧ୍ୟରେ ପୂର୍ବାହ୍ନ ୧୧ ଘଟିକାଠାରୁ ୨ ଘଟିକା ମଧ୍ୟରେ ଜିଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟରେ ନିଜ ନିଜର ନାମ ପଞ୍ଜିକରଣ କରାଇ ନେବାକୁ ଜିଲା କ୍ରୀଡାସଂଘ ସଂପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି ।

# ଉଫୁନା ପକ୍ଷରୁ ଓଡ଼ିଶା ଦିବସ ପାଳିତ

ଢେଙ୍କାନାଳ,୧୪(ରତନ ନାୟାର)



ଢେଙ୍କାନାଳ ରଥଗଡାସ୍ଥିତ ଉଫୁନା କାର୍ଯ୍ୟାଳୟରେ ମଙ୍ଗଳବାର ଓଡିଶା ଦିବସ ପାଳିତ ହୋଇଯାଇଛି । ଉଫୁନାର ରାଜ୍ୟ ସଭାପତି ଆଡ୍‌ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତାରେ ପୂର୍ବତନ ସି.ବି.ଆଇ ଜଜ୍ ଭିକାରୀ ଚରଣ ରାଉତ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାଂପ୍ରତିକ ପରିସ୍ଥିତିରେ ଓଡ଼ିଆ ଭାଷାର ପ୍ରାସଙ୍ଗିକତା ସମ୍ପର୍କରେ ସବିଶେଷ ବର୍ଣ୍ଣନା କରିଥିଲେ । ଉଫୁନାର ମହାସଚିବ ଡ.ଦୀପାୟନ ପଟ୍ଟନାୟକ, ୟୁନେସ୍କୋର ରାଜ୍ୟ ସଂଯୋଜକ କବି ବାହାଦୂର ପାଟ୍ଟସାହାଣୀ, ପୂର୍ବତନ ଚିଫ୍ ଇଞ୍ଜିନିୟର ଅକ୍ଷୟ କୁମାର ଶତପଥି, ବରିଷ୍ଠ ଶିକ୍ଷାବିତ୍ ଡ଼. ଦେବୀ ପ୍ରସାଦ ମିଶ୍ର ଓଡ଼ିଆ ଭାଷାର ସୁରକ୍ଷା ହିଁ ଓଡ଼ିଶାର ଅସ୍ମିତା ରକ୍ଷାର ପ୍ରଥମ ସୋପାନ ବୋଲି ମତପୋଷଣ କରିଥିଲେ । ଏହି ସଭାରେ କ୍ଷୀରୋଦ ନାୟକ, ବସନ୍ତ ବିଶ୍ୱାଳ, ଶିକ୍ଷାବିତ୍ ବିଶ୍ୱନାଥ ମହାପାତ୍ର, ଚନ୍ଦ୍ରମଣି ନାୟକ, ଲକ୍ଷ୍ମୀଧର ଶତପଥି, ଡ଼. ଅନୁପମା ମିଶ୍ର, ସୁଜାତା ପଟ୍ଟନାୟକ, ବର୍ଷା ପଟ୍ଟନାୟକ, ସୌମ୍ୟରଞ୍ଜନ ପଟ୍ଟନାୟକ, ଆଡ୍‌ଭୋକେଟ୍ ଉପମା ସାମଲ, ରୋମେନା ବେଗମ୍, ପରିବେଶବିତ୍ ଉପେନ୍ଦ୍ର କୁମାର ରାଉତ, ଡ. ପ୍ରମୋଦ ନାୟକ, ଡ. ସମୀର କୁମାର ସାହୁ, ରବିନାରାୟଣ ସେଠୀ, ପୀତବାସ ସାହୁ, ଆଡ୍‌ଭୋକେଟ୍ ନିର୍ମଳା ମହାପାତ୍ର, କବି କାଦମ୍ବରୀ ମହାକୁଡ଼, ଡ.ମାନସୀ କର, ଡ଼ଃ କବିତା ମହାନ୍ତି, ମମତା ମିଶ୍ର, ମୈତ୍ରେୟୀ ଶୁଭଦା, ଆଡ୍‌ଭୋକେଟ୍ ନିବେଦିତା ରଥ, ସୁକାନ୍ତି ସାହୁ, ଡ.ପ୍ରମୋଦ ପରିଡା, ଲିଙ୍କୁ ପତି, କାହ୍ନୁ ଚରଣ ବାରିକ ଲଳିତ ବେହେରା, ପ୍ରେମାନନ୍ଦ ଶତପଥୀ, ଚିତ୍ତରଞ୍ଜନ ମହାନ୍ତି, ତରୁଣ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ ।

# ନିଜ ଭାଷା ପ୍ରତି ଗୁରୁତ୍ୱଦେବା ଜରୁରୀ

## ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳିତ

କାମାକ୍ଷାନଗର, ୧୪(ସୁଧୀର କୁମାର ପରିଡା)



ଜଣେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ମଙ୍ଗଳବାର ପଞ୍ଚାୟତ ସମିତି ସଭାଗୃହ ପରିସରରେ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଭୋରୁ ପ୍ରଭାତଫେରି ଓ ସକାଳ ୮ଟାରେ ଅତିଥିମାନେ ସାରଙ୍ଗଧର, ମହାତ୍ମାଗାନ୍ଧୀ, ଗୋପବନ୍ଧୁ ଓ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସହକାରୀ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୀପକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ କାମାକ୍ଷାନଗର ଉପଜିଲାପାଳ ଦିନମଣୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଯାହାର ଭାଷା ଯେତେ ଦୃଢ ସେ ସେତେ ସଂମୃଦ୍ଧ। ତେଣୁ ସମସ୍ତେ ନିଜ ଭାଷାପ୍ରତି, ନିଜର ଖାଦ୍ୟ, ସଂସ୍କୃତି ପ୍ରତି ଗୁରୁତ୍ୱ ଦେବା ଜରୁରୀ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ଏସଡିପିଓ ଜ୍ଞାନରଞ୍ଜନ ମିଶ୍ର, ଡେପୁଟି କଲେକ୍ଟର ଜ୍ୟୋତିରୂପା ଶତପଥୀ, ସହକାରୀ ଜିଲାପାଳ କମଳା ପ୍ରଧାନ, ଅତିରିକ୍ତ ତହସିଲଦାର ସୂର୍ଯ୍ୟକାନ୍ତ ବରାଳ, ଏନଏସି ନିର୍ବାହୀ ଅଧିକାରୀ ପ୍ରଦତ୍ତ କୁମାର ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଦିଗାମ୍ବର ସାହୁ, ଓକିଲ ସଂଘ ସଭାପତି ରଞ୍ଜନ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟତ୍ରୀ, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇଥିଲେ। ପରେ ଉପଖଣ୍ଡ ସ୍ତରରେ ଉତ୍କଳଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ଛାତ୍ରୀଛାତ୍ରଙ୍କୁ ଉପଖଣ୍ଡ ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା ।

**ଚୋରା ମଦ ଜବତ, ଜଣେ ଗିରଫ**

ବଅଁରପାଳ,(ସୁବାସ ସାହୁ): ଅନୁଗୋଳ ଜିଲା ନାଲ୍‌କୋ ପୋଲିସ ୫ଶହ ଲିଟର ଦେଶୀ ଚୋରା ମଦ ସହ ଏକ ଗାଡ଼ି ଜବତ କରିଛି। ଏଥିସହ ତାଳଚେର ବିକ୍ରମପୁର ଥାନା ଟେଣ୍ଟଲୋଇ ଗ୍ରାମର ସୁଶୀଲ କୁମାର ଭୋଇଙ୍କୁ ଗିରଫ କରିଛି। ପୋଲିସ କହିଛି, ସୋମବାର ବିଳମ୍ବିତ ରାତିରେ ସୁଶୀଲ ଏକ କାର୍ ଯୋଗେ ୫୦୦ ଲିଟର ଚୋରା ଦେଶୀମଦ ନେଇ ନାଲ୍‌କୋ ମେଡିକାଲ ଛକ ଦେଇ ଯାଉଥିଲେ। ଖବରପାଇ ପୋଲିସ ଯାଞ୍ଚ କରି ମଦ ଓ ଗାଡ଼ି ଜବତ ସହ ବେପାରୀଙ୍କୁ ଗିରଫ କରିଥିଲା।

# ଉତ୍କୃଷ୍ଟ ସେବା ଯୋଗାଇବାକୁ ଉତ୍ସର୍ଗୀକୃତ ମନୋଭାବ ଲୋଡ଼ା

## ୯୦ ତମ ପୋଲିସ ପ୍ରତିଷ୍ଠା ଦିବସ

ଅନୁଗୋଳ,୧୪ (ଜ୍ୟୋତିରଞ୍ଜନ ସାହୁ)

ଓଡ଼ିଶା ପୋଲିସର ୯୦ତମ ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସ ଅନୁଗୋଳ ରିଜର୍ଭ ପୋଲିସ ପଡ଼ିଆରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏସ୍‌ପି ରାହୁଲ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ଶହୀଦ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ପରିବାରବର୍ଗଙ୍କୁ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଆଇଜି କହିଥିଲେ, ଜନସାଧାରଣଙ୍କୁ ଉତ୍କୃଷ୍ଟ ସେବା ଯୋଗାଇ ଦେବାକୁ ଉତ୍ସର୍ଗୀକୃତ ମନୋଭାବ ଲୋଡ଼ା। ବିଭିନ୍ନ ସମୟରେ ରାଜ୍ୟରେ ଆଇନଶୃଙ୍ଖଳା ରକ୍ଷାରେ ପୋଲିସ ବାହିନୀ ଦାୟିତ୍ୱର ସହ କର୍ତ୍ତବ୍ୟ ସମ୍ପାଦନ କରୁଥିବାରୁ ଆଇଜି ସାଧୁବାଦ ଜଣାଇଥିଲେ। ସାଇବର ଠକମାନେ ନୂତନ ପଦ୍ଧତି ଆପଣାଇ ଠକିବା ପାଇଁ ପ୍ରଚେଷ୍ଟା ଚଳାଇଥିବାରୁ ଏହାକୁ ରୋକିବା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପ୍ରତି ଦୁଇ ମାସରେ ଥରେ ଥାନା ଅଧିକାରୀମାନଙ୍କୁ ଏକ ସମ୍ମିଳନୀ କରି ଆଇନର ନୂତନ ଧାରା ଉପରେ ଆଲୋଚନା କରିବା ପାଇଁ ଆଇଜି ଭୋଇ ପରାମର୍ଶ ଦେଇଥିଲେ। ଶେଷରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତାକୁ ପାଠ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ପୋଲିସ ସେବା ପାଇଁ ପୋଲିସ ଅଧିକାରୀଙ୍କୁ ଆଇଜି ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଇନ୍ସପେକ୍ଟର ବିଷ୍ଣୁ ଚରଣ ବାରିକ (ପିସିସି), ସବ୍ ଇନ୍ସପେକ୍ଟର କାର୍ତ୍ତିକେଶ୍ୱର ବେହେରା, ବ୍ରହ୍ମାନନ୍ଦ ବେହେରା, ଏଏସ୍‌ଆଇ ପ୍ରଫୁଲ୍ଲ କୁମାର ସାହୁ, ଦୀପକ କୁମାର ସିଂ, ବରିଷ୍ଠ କିରାଣି ହରିହର ତୁଙ୍ଗ, ହାବିଲଦାର ଦିବ୍ୟରଞ୍ଜନ ତ୍ରିପାଠୀ, ସୁଧୀର କୁମାର ପ୍ରଧାନ, କନ୍‌ଷ୍ଟେବଲ ସଞ୍ଜୟ କୁମାର ସେଠ, ଟ୍ରାଫିକ କନଷ୍ଟେବଲ ବିଜୟ କୁମାର କିସାନ, କନଷ୍ଟେବଲ ସୁକେଶ କୁମାର ପ୍ରଧାନ, ଶିବାନନ୍ଦ ମହାନ୍ତି, ରୋଷେୟା କାଳୀ ଚରଣ ବିଶ୍ୱାଳ, ଡିଏସ୍‌ପି ଯୋଗେଶ୍ୱରୀ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଜଣେ ପୋଲିସ କର୍ମଚାରୀଙ୍କୁ ମୁଖ୍ୟ ଅତିଥି ଆଇଜି ସତ୍ୟବ୍ରତ ଭୋଇ ପୁରସ୍କୃତ କରୁଛନ୍ତି।

# ମନମୋହିଲା ଶିବତାଣ୍ଡବ, ଅର୍ଚ୍ଚିତାଙ୍କ ସଙ୍ଗୀତ



ପାଲଲହଡ଼ା ମହୋତ୍ସବ ଅବସରରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଅନ୍ୟ ଅତିଥିବୃନ୍ଦ।

ପାଲଲହଡା,୧୪ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଷ୍ଟାଡିୟମଠାରେ ଚାଲିଥିବା ପାଲଲହଡ଼ା ମହୋତ୍ସବର ମଙ୍ଗଳବାର ତୃତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଲେ, ମହୋତ୍ସବ ମାଧ୍ୟମରେ ଗୋଟିଏ ପ୍ରାନ୍ତର କଳା ସଂସ୍କୃତିକୁ ଅନ୍ୟ ପ୍ରାନ୍ତ ସହ ଯୋଡ଼ାଯାଇ ପାରିବ। ଏଥିସହ ସ୍ଥାନୀୟ ଲୋକକଳା ଏବଂ କଳାକାରଙ୍କୁ ବିଶ୍ୱ ଦରବାରରେ ପରିଚିତ କରାଯାଇପାରିବ। ମୁଖ୍ୟବକ୍ତା ଭାବେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାଏକ, ସ୍ୱତନ୍ତ୍ର ଅତିଥି ଭାବେ ସିନେ କଳାକାର ତଥା କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ କଳାକାରମାନଙ୍କୁ କଳା ପ୍ରଦର୍ଶନ ପାଇଁ ସୁଯୋଗ ସୃଷ୍ଟି କରିଥିବାରୁ ମହୋତ୍ସବ କମିଟିକୁ ଧନ୍ୟବାଦ ଜଣାଇଥିଲେ। ତେଲକୋଇ ବିଧାୟକ ଫକୀର ମୋହନ ନାଏକ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପୂର୍ବତନ ବିଧାୟକ ତଥା ପୂର୍ବତନ ଏମ୍‌ପି ମହେଶ ସାହୁ, ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାର, ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ପାଲଲହଡା ବିଧାୟକ ଅଶୋକ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ପାଲଲହଡ଼ା ଉପଜିଲାପାଳ ତଥା ଆବାହକ ରବୀନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରିଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ଛାତ୍ରୀଛାତ୍ରଙ୍କ ପ୍ରତିଭା ପ୍ରଦର୍ଶନ ପରେ କଣ୍ଠଶିଳ୍ପୀ ଅର୍ଚ୍ଚିତା ପାଢ଼ୀ ଏବଂ ସାଥି କଳାକାରଙ୍କ ସଙ୍ଗୀତରେ ଯୁବପିଢ଼ି ଝୁମିଥିଲେ।

# ବିଜେଡି ପକ୍ଷରୁ ଜିଲା ପ୍ରତିଷ୍ଠା ଦିବସ ପାଳିତ



ବିଜେଡି ପକ୍ଷରୁ ଜିଲା ପ୍ରତିଷ୍ଠା ଦିବସ ପାଳନ ଅବସରରେ ନେତୃବୃନ୍ଦ।

ଅନୁଗୋଳ,୧୪(ମାନସ ବିଶ୍ୱାଳ)

ଅନୁଗୋଳ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଓଡ଼ିଶା ଦିବସ ଏବଂ ଅନୁଗୋଳ ଜିଲା ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏହି ଅବସରରେ ଜିଲା ସଦର ମହକୁମା ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବା ସହିତ ଅନୁଗୋଳ ସହରରେ ଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଏବଂ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇଥିଲେ। ଅନୁଗୋଳ ନଗରପାଳ ଅକ୍ଷୟ ସାମନ୍ତ, ବଅଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ ଓ ଅନୁଗୋଳ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ଜିଲା ପରିଷଦ ସଦସ୍ୟ ପ୍ରିୟଦର୍ଶୀ ପଟ୍ଟନାୟକ, ଗୋପାଳ ନାଏକ, କାଉନସିଲର ସଦାନନ୍ଦ ପଣ୍ଡା, ବଳରାମ ଜେନା, ସୁଶିଲ ମୁଖୀ, ଅନୁଗୋଳ ଓକିଲ ସଂଘ ସମ୍ପାଦକ ଧ୍ରୁବ ଚରଣ ସାହୁ, ଅନୁଗୋଳ ବ୍ଲକ ବିଜେଡି ସଭାପତି ଦୁର୍ଯ୍ୟୋଧନ ସାହୁ, ଅନୁଗୋଳ ନଗର ବିଜେଡି ସଭାପତି ବୃନ୍ଦାବନ ସ୍ୱାଇଁ, ରାଜୀବ ଲୋଚନ ଦାସ, ମାଳିନୀ ସର, ଅରୁଣାଭ ସିଂହ ଏବଂ ବିଭିନ୍ନ ପଞ୍ଚାୟତ, ୱାର୍ଡର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମେଶିନରେ ରାସ୍ତା କାମ, ଜିଲାପାଳଙ୍କୁ ଅଭିଯୋଗ

ବଇଣ୍ଡା,୧୪(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ନାକିଚି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଲିଥିବା ରାସ୍ତାକାମ ଓ କଣ୍ଡାଳରୁ ମାଙ୍କଡ଼ଚୁଆ ପର୍ଯ୍ୟନ୍ତ ହେଉଥିବା ମାଟି ରାସ୍ତାରେ ଶ୍ରମିକ ବଦଳରେ ଜେସିବି ମେଶିନ ବ୍ୟବହାର କରାଯାଉଥିବା ନାକିଚି ଅଞ୍ଚଳବାସୀ ମଙ୍ଗଳବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀ ଉଲ୍ଲେଖ କରିଛନ୍ତି, ନାକିଚି ପଞ୍ଚାୟତରେ ୧୨୧୨ ଜବ୍‌କାର୍ଡଧାରୀ ଶ୍ରମିକ ଥିବାବେଳେ ସେମାନଙ୍କୁ କାମ ମିଳୁନାହିଁ। କେତେଜଣ ବ୍ୟକ୍ତି ସେମାନଙ୍କ ଜବ୍‌କାର୍ଡ ସଂଗ୍ରହ କରି ଶ୍ରମିକଙ୍କ ବଦଳରେ ଜେସିବି ମେଶିନ୍ ବ୍ୟବହାର କରୁଛନ୍ତି। ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କଣ୍ଡାଳ ଠାରୁ ମାଙ୍କଡ଼ଚୁଆ ପର୍ଯ୍ୟନ୍ତ ୧୦ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ହେଉଛି। କିନ୍ତୁ ଦିନ ତମାମ ଜେସିବି ମେଶିନ୍ ଦ୍ୱାରା ରାସ୍ତା ନିର୍ମାଣ ହେଉଛି। ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତରେ ଏହି କାମ କରାଯାଉଥିବାବେଳେ ପଞ୍ଚାୟତର କେତେଜଣ କର୍ମଚାରୀ ଜବ୍‌କାର୍ଡ ସଂଗ୍ରହ କରି ଏହି ବେଆଇନ କାମରେ ସହଯୋଗ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି କାମକୁ ଲୋକପାଳ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା କହିଛନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକ ହିଁ କାମ କରିବେ। ଜେସିବି ମେଶିନ୍ ବ୍ୟବହାର କରିବା ପାଇଁ ଅନୁମତି ନାହିଁ। ଯଦି ମେଶିନ୍ ବ୍ୟବହାର କରାଯାଇଥାଏ, ତଦନ୍ତ ପରେ ବିଲ ପାସ୍ କରାଯିବ।



ଜେସିବି ମେଶିନରେ ରାସ୍ତା କାମ କରାଯାଉଛି।

# ଗଡ଼ିଲା ଶିକ୍ଷା ସଚେତନତା ରଥ

ଅନୁଗୋଳ,୧୪(ମାନସ ବିଶ୍ୱାଳ)

ଅନୁଗୋଳ ଜିଲାରେ ୨ରୁ ୪ ତାରିଖ ପର୍ଯ୍ୟନ୍ତ ପାଳନ ହେବ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ। ସହରସ୍ଥିତ ସଭାଘର ପରିସରରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ନିମନ୍ତେ ମଙ୍ଗଳବାର ଏକ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଜିଲାପାଳ ତଥା ଅଧ୍ୟକ୍ଷ ସମଗ୍ର ଶିକ୍ଷା ଅବଦଲ ମହମ୍ମଦ ଅଖତାର ସବୁଜ ପତାକା ଦେଖାଇ ଏହାର ଶୁଭ ଉନ୍ମୋଚନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ ଉପସ୍ଥିତ ଥିଲେ। ଏହି ରଥ ଜିଲାର ପ୍ରତିଟି ଗ୍ରାମ, ପଞ୍ଚାୟତ, ବ୍ଲକ ସଦରମହକୁମା ଆଦିରେ ଶିକ୍ଷା ସଚତନତା ବାର୍ତ୍ତା ପହଞ୍ଚାଇବ। ଏହି ସମୟରେ ଜିଲାର ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କ ନାମଲେଖାକୁ ସୁନିଶ୍ଚିତ କରାଯିବ। କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଜିଲା ଶିକ୍ଷା ତଥା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ଶିକ୍ଷା ସଚେତନତା ରଥକୁ ବିଧାୟକ ଓ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

# ଶ୍ରମିକ ସଙ୍ଗଠନର ବିକ୍ଷୋଭ

ବଅଁରପାଳ,୧୪(ସୁବାସ ସାହୁ)

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ନାଲ୍‌କୋ ସ୍ମେଲ୍ଟର ପ୍ଲାଣ୍ଟ ଫାଟକଠାରୁ କେନ୍ଦ୍ରୀୟ (ସିଏଲ୍‌ସି)ସହାୟକ ଶ୍ରମ ଆୟୁକ୍ତ ଅନୁଗୋଳ ନାଲ୍‌କୋ ପର୍ଯ୍ୟନ୍ତ ଏକ ପଦଯାତ୍ରା କରାଯାଇଥିଲା। ଶ୍ରମିକଙ୍କ ସ୍ୱାର୍ଥପାଇଁ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ସିଏଲ୍‌ସିଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଭିନ୍ନ ଶ୍ରମିକ ସଙ୍ଗଠନ ଆଇଏନ୍‌ଟିୟୁସିର ଜିଲା ସଭାପତି ଦିଗାମ୍ବର ଗଡ଼ନାୟକ, ସିଆଇଟିୟୁ ରାଜ୍ୟ ଉପସଭାପତି ଡ. ଉପେନ୍ଦ୍ର ଶର୍ମା, ସୀତାରାମ ପ୍ରଧାନ, ଏଆଇୟୁଟିୟୁସିର ଜିଲା ସଭାପତି ପ୍ରହ୍ଲାଦ ସାହୁ, ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁଙ୍କ ସମେତ କୈଳାଶ ଭୋଇ, ତୀର୍ଥବାସୀ ଭୋଇ, ଟୁନା ନାୟକ ପ୍ରମୁଖ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଅନନ୍ତ ଡିଏଭିରେ ଓଡ଼ିଶା ଦିବସ ପାଳିତ



ଅନନ୍ତ ଡିଏଭିରେ ଓଡ଼ିଶା ଦିବସ ପାଳନ ଅବସରରେ ଅତିଥିଙ୍କ ସହ ଅନ୍ୟମାନେ।

ତାଳଚେର,୧୪ (ମନୋଜ ନନ୍ଦ)

ତାଳଚେରସ୍ଥିତ ମହାନଦୀ କୋଲ୍ ଫିଲ୍ଡସ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ଅନନ୍ତବିହାର ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜଗନ୍ନାଥ କ୍ଷେତ୍ରର ଏରିଆ ମାନବ ସମ୍ବଳ ମ୍ୟାନେଜର ମାନସ ରଞ୍ଜନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସାରଥୀ ସାଜିଥିବା ମହାନ ସାଧକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନନ୍ୟା ମହିଳା ମଣ୍ଡଳ ସଦସ୍ୟା ମୌସୁମୀ ଜେନା, ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତି ମିଶ୍ର ମଞ୍ଚାସୀନ ଥିଲେ। ଶିକ୍ଷକ କରୁଣାକର ସାହୁ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ଅଞ୍ଜନ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଡ. ଅନ୍ତର୍ଯ୍ୟାମୀ ସାହୁ, ଶିକ୍ଷୟିତ୍ରୀ ଜ୍ୟୋତି ଜିନ୍ଦଲ, ରୀତାରାଣୀ ତ୍ରିପାଠୀ, ଶିକ୍ଷକ ସୁଧାଂଶୁ କୁମାର ସ୍ୱାଇଁ, ସୁବ୍ରତ ପାଣି, ସୀମାଞ୍ଚଳ ପତି, ସବ୍ୟସାଚୀ ପ୍ରଧାନ, ମାନସ ରଞ୍ଜନ ମିଶ୍ର ପ୍ରମୁଖଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ମହାପୁରୁଷଙ୍କୁ ଭୁଲିଗଲା ତାଳଚେର ପ୍ରଶାସନ

## ପ୍ରତିମୂର୍ତ୍ତି ପରିଷ୍କାର ସହ ମାଲ୍ୟାର୍ପଣ କଲା ଭାଜପା

ତାଳଚେର,୧୪ (ମନୋଜ ନନ୍ଦ)

ତାଳଚେର ଦେଉଳବେଡ଼ାସ୍ଥିତ ଡିସିଆଇ କ୍ଲବଠାରେ ମଙ୍ଗଳବାର ସକାଳେ ପ୍ରଶାସନ ତରଫରୁ ଓଡ଼ିଶା ଦିବସ ପାଳନ ହୋଇଥିଲା। ଉପଖଣ୍ଡ ପ୍ରଶାସନିକ ଅଧିକାରୀଙ୍କ ସମେତ ବିଧାୟକ ଓ ସମସ୍ତ ସରକାରୀ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ହେଲେ କ୍ଲବ ପରିସରରେ ଉତ୍କଳ ମଣି ଗୋପବନ୍ଧୁ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଥିଲେ ମଧ୍ୟ ତାହାକୁ ପରିଷ୍କାର ସହ ମାଲ୍ୟାର୍ପଣ କରିବାକୁ ପ୍ରଶାସନର ମନେ ପଡ଼ି ନ ଥିଲା। ଏପରି ଖବରପାଇ ଭାଜପା ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ ଉକ୍ତସ୍ଥାନକୁ ଯାଇ ପ୍ରତିମୂର୍ତ୍ତି ସଫା କରିବା ସହ ମାଲ୍ୟାର୍ପଣ କରିଥିଲେ। ଡିସିଆଇ ପରିସରରେ ବାରିକଙ୍କ ସମେତ ଶୋଭାଗିନୀ ଦାସ, ଭାଜପା ନେତା ଜଗଦୀଶ ମିଶ୍ର, ସୋମନାଥ ବେହେରା, ଭଜମନ ସାହୁ, ସୁନୀଲ ପଟ୍ଟନାୟକ, ଅନିମେଷ ସିଂହ, ଦିପେନ୍ଦ୍ର ସିଂହଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ଭାଜପା କାର୍ଯ୍ୟକର୍ତ୍ତାମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

# ବରପୁତ୍ରଙ୍କ ଅବଦାନ ଉପରେ ଆଲୋକପାତ

ଆଠମଲ୍ଲିକ,୧୪(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ଦିବସ ପାଳନ କମିଟି ଅଧ୍ୟକ୍ଷ ତଥା ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉପଖଣ୍ଡସ୍ତରୀୟ ସଭାରେ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ବିକଶିତ ଓଡ଼ିଶା ଗଠନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ହୃଷୀକେଶ ମହାକୁଡ଼ ଯୋଗଦେଇ ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଗଠନରେ ବରପୁତ୍ରମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଏନ୍‌ଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସନ୍ତୋଷ କୁମାର ହୋତା, ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ ପ୍ରମୁଖ ଯୋଗଦେଇଥିଲେ। ସ୍କୁଲସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ସତ୍ୟରଞ୍ଜନ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସକାଳ ୫ଟାରେ ପ୍ରଶାସନ ତରଫରୁ ସହରରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ବନ୍ଦେ ଉତ୍କଳ ଜନନୀ ପ୍ରସାରଣ କରାଯାଇଥିଲା। ସକାଳ ୭ଟାରେ ଅତିଥିଙ୍କ ସହ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟିଟସ ମହାନନ୍ଦିଆ, ତହସିଲଦାର ପ୍ରସନ୍ନ ଟେଟେ, ଆଇଆଇସି ପ୍ରସନ୍ନ କୁମାର ମାଝୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତନ୍ମୟ ରଞ୍ଜନ ପାତ୍ର ସହର ମଧ୍ୟରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଯାଦୁକର ସତ୍ୟନାରାୟଣ ମିଶ୍ର ଛାତ୍ରୀଛାତ୍ରଙ୍କ ପାଇଁ ମ୍ୟାଜିକ ପ୍ରଦର୍ଶନ କରିଥିଲେ।




ଓଡ଼ିଶା ଦିବସ ପାଳନ ଅବସରରେ ଅତିଥିମାନେ।

# ଓ.ପି. ଜିନ୍ଦଲଙ୍କ ୨୦ତମ ପୁଣ୍ୟତିଥି ପାଳିତ

ଅନୁଗୋଳ,୧୪(ମାନସ ବିଶ୍ୱାଳ)

ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ପକ୍ଷରୁ ପ୍ରତିଷ୍ଠାତା ଓମ୍ ପ୍ରକାଶ ଜିନ୍ଦଲଙ୍କ ୨୦ତମ ପୁଣ୍ୟତିଥି ପ୍ଲାଣ୍ଟ ପରିସରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜେଏସ୍‌ପିର କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଆୟୋଜିତ ଏକ ରକ୍ତଦାନ ଶିବିରରେ ୭୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

ଜିନ୍ଦଲ ନଗର ଦେବଭୂମି ମନ୍ଦିରରେ ଅଖଣ୍ଡ ଶ୍ରୀରାମ ଚରିତ ମାନସ ପୂଜା ସହିତ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏଥିରେ ଜେଏସ୍‌ପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅନୁଗୋଳ ଶାଖା) ପଙ୍କଜ ମଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ ସିହ୍ନାଙ୍କ ସମେତ ବିଭିନ୍ନ ବିଭାଗର ବିଭଗୀୟ ମୁଖ୍ୟ ଏବଂ ସେମାନଙ୍କ ପରିବାରର ସଦସ୍ୟ ଉପସ୍ଥିତ ରହି ଓ.ପି. ଜିନ୍ଦଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜେଏସ୍‌ପିର ସାମାଜିକ ଦାୟିତ୍ୱବୋଧ ବିଭାଗ ଭାବେ କାର୍ଯ୍ୟରତ ଜିନ୍ଦଲ ଫାଉଣ୍ଡେଶନ ଏବଂ ରକ୍ତ କେନ୍ଦ୍ର ଡିଏଚଏଚ ଅନୁଗୋଳ, ଆଠମଲ୍ଲିକ ଓ ତାଳଚେରର ମିଳିତ ସହାୟତାରେ ଏକ ରକ୍ତଦାନ ଶିବିର ସଫଳତାର ସହ ଆୟୋଜନ କରାଯାଇଥିଲା। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଜିଲା ସ୍ୱାସ୍ଥ୍ୟ ପ୍ରଶାସନକୁ ଏକ ମୁକ୍ତିରଥ (ଶବବାହକ ଯାନ) ଦାନ କରାଯାଇଥିଲା। ଜେଏସ୍‌ପି ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ ସିହ୍ନା ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାନନ୍ଦ ମହାନ୍ତିଙ୍କୁ ଏହି ଗାଡ଼ିର ଚାବି ପ୍ରଦାନ କରିଥିଲେ। ଏହାସହିତ ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ବିଭିନ୍ନ ସମାଜିକ ସଙ୍ଗଠନକୁ ଶୁଖିଲା ରାଶନ ସାମଗ୍ରୀ ବଣ୍ଟନ ରାଯାଇଥିଲା। ସୀମା ମଲହାନ ଏବଂ ଅନିତା ମିତ୍ତଲଙ୍କ ନେତୃତ୍ୱରେ ଜିନ୍ଦଲ ମହିଳା ସମିତିର ସଦସ୍ୟମାନେ ଏକାଧିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଜେଏସ୍‌ପିର ଭୁବନେଶ୍ୱର କାର୍ଯ୍ୟାଳୟରେ ମଧ୍ୟ କର୍ମଚାରୀମାନେ ଓ.ପି. ଜିନ୍ଦଲଙ୍କ ପୁଣ୍ୟତିଥି ପାଳନ କରିଥିଲେ। ଏହି ଅବସରରେ ସଭାପତି ଏବଂ ଗୋଷ୍ଠୀ ସିଏସ୍‌ଆର୍ ମୁଖ୍ୟ ପ୍ରଶାନ୍ତ ହୋତା ମେକ୍ ଇନ୍ ଇଣ୍ଡିଆ ଏବଂ ଶିଳ୍ପ ନେତୃତ୍ୱାଧୀନ ସାମାଜିକ ସମୃଦ୍ଧିର ମୂଳଦୁଆରେ ଓ.ପି. ଜିନ୍ଦଲଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ।




ଜେଏସ୍‌ପି ପକ୍ଷରୁ ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ପ୍ରଶାସନକୁ ମୁକ୍ତି ରଥ ଚାବି ପ୍ରଦାନ କରାଯାଉଛି।

# ଓଡ଼ିଶାର ସାହିତ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ସମସ୍ତଙ୍କ ଦାୟିତ୍ୱ



ଜିଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପାଳନ ଅବସରରେ ମଞ୍ଚାସୀନ ମନ୍ତ୍ରୀ, ବିଧାୟକଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ।

ଅନୁଗୋଳ,୧୪ (ମାନସ ବିଶ୍ୱାଳ)

ଓଡ଼ିଶା ଦିବସ ଓ ଅନୁଗୋଳ ଜିଲା ପ୍ରତିଷ୍ଠା ଦିବସ ମଙ୍ଗଳବାର ଅନୁଗୋଳରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଓଡିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ସଭାଘର ଠାରେ ଆୟୋଜିତ ଏକ ସାଧାରଣ ସଭାରେ ମନ୍ତ୍ରୀ ଯୋଗଦେଇ ୨୦୩୬ ମସିହା ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନରେ ଅନୁଗୋଳର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଅନୁଗୋଳ ଜିଲା ବହୁତ ଲମ୍ବା ସମୟ ପର୍ଯ୍ୟନ୍ତ ସାରା ଓଡ଼ିଶାକୁ ମାର୍ଗ ଦର୍ଶନ କରୁଥିଲା ବୋଲି ମନ୍ତ୍ରୀ କହିବା ସହ ବାଜି ରାଉତ ଛାତ୍ରାବାସ ସହିତ ଥିବା ପୁରୁଣା ସ୍ମୃତିକୁ ମନେପକାଇଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଓ ତାଙ୍କ ସ୍ତ୍ରୀ ସ୍ୱର୍ଗତା ମାଳତୀ ଚୌଧୁରୀଙ୍କ ସମାଜ ପ୍ରତି ଅବଦାନ ଅତୁଳନୀୟ ବୋଲି କହିଥିଲେ। ବାଜି ରାଉତ ଛାତ୍ରାବାସ ଏକ ଐତିହ୍ୟ ବୋଲି ମନ୍ତ୍ରୀ ବର୍ଣ୍ଣନା କରିଥିଲେ। ଓଡ଼ିଶାର ସାହିତ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ସମସ୍ତଙ୍କର ଦାୟିତ୍ୱ ବୋଲି ମନ୍ତ୍ରୀ କହିଥିଲେ। ବାଜି ରାଉତ ଛାତ୍ରାବାସର ଭିତ୍ତିଭୂମି ବିକାଶ ନିମନ୍ତେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନିବେଦନ ଉପରେ ପଦକ୍ଷେପ ନେବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଜିଲାରେ ଏକ ଭୂ-ବନ୍ଦୋବସ୍ତ କାର୍ଯ୍ୟାଳୟ (ସେଟେଲମେଣ୍ଟ ଅଫିସ) ଖୋଲିବା ନିମନ୍ତେ କରିଥିବା ନିବେଦନକୁ ମଧ ମନ୍ତ୍ରୀ ଗ୍ରହଣ କରିବା ସହ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ.ଧରଣୀଧର ନାଥ ଯୋଗଦେଇ ଭାଷାଭିତ୍ତିକ ପ୍ରଥମ ରାଜ୍ୟ ଭାବେ ସ୍ୱତନ୍ତ୍ର ଓଡ଼ିଶା ଗଠନର ବିଭିନ୍ନ ଐତିହାସିକ ଘଟଣାକ୍ରମ ଉପରେ ଆଲୋକପାତ କରିଥିଲେ। ଅନୁଗୋଳ ବିଧାୟକ, ଛେଣ୍ଡିପଦା ବିଧାୟକ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅନୁଗୋଳ ପୌର ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସୁଦୀପ ଗଡନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲାପାଳ ଅବଦଲ ମହମ୍ମଦ ଅଖତାର ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ ମଞ୍ଚାସୀନ ଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ପରେ ଜିଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ସହରରେ ରାମଧୁନ ଗାନ କରାଯାଇଥିଲା। ସକାଳ ୯ ଘଟିକାରେ ଗୋପବନ୍ଧୁ ପାର୍କଠାରେ ଅନୁଗୋଳ ବିଧାୟକ, ଜିଲାପାଳ ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ରଞ୍ଜନ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କେ. ଶବଣକୁମାର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି



ବୈଠକରେ କମିଟି କର୍ମକର୍ତ୍ତାମାନେ।

ବଇଣ୍ଡା,୧୪ (ପରିକ୍ଷିତ ସାହୁ)

କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ଡାକ୍ତର ପଦବୀ ଖାଲି ପଡ଼ିଛି। ଫଳରେ ରୋଗୀମାନେ ଠିକ୍ ଭାବେ ସେବା ପାଇପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ସମସ୍ତ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରା ନ ଗଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ଏନେଇ କମିଟି ପକ୍ଷରୁ ଜଏରାଟ ନିକଟରେ ଏକ ବୈଠକ କରାଯାଇଥିଲା। କମିଟି ସଦସ୍ୟ ପୀତାମ୍ବର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରମଣୀରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ରବୀନ୍ଦ୍ର ସାହୁ, ଯୋଗୀନ୍ଦ୍ର ବିଶ୍ୱାଳ, ଶଙ୍କର ବେହେରା, ସଚ୍ଚିଦାନନ୍ଦ ସାହୁ, ରମେଶ ଲୁହା, ଲକ୍ଷ୍ମଣ ବେହେରା, ନାରାୟଣ ମେହେର, ସୁରଚି ପ୍ରଧାନ, ଫୁଲ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେମାନଙ୍କ କହିବା ଅନୁଯାୟୀ, କିଶୋରନଗର ମେଡିକାଲ ଉପରେ ଆଖପାଖ ଅଞ୍ଚଳର ପ୍ରାୟ ୧୫ଟି ପଞ୍ଚାୟତ ନିର୍ଭରଶୀଳ। ହେଲେ କୌଣସି ବିଭାଗରେ ବିଶେଷଜ୍ଞ ଡାକ୍ତର ନ ଥିବା ଯୋଗୁ ରୋଗୀମାନେ ଅଯଥାରେ ଖର୍ଚ୍ଚାନ୍ତ ହେବା ସହ ଅନୁଗୋଳ କିମ୍ବା ସମ୍ବଲପୁର ଜିଲା ମେଡିକାଲ ଉପରେ ନିର୍ଭର କରୁଛନ୍ତି। ପୂର୍ବରୁ ବିଶେଷଜ୍ଞ ଡାକ୍ତର ଯୋଗାଇଦେବା ପାଇଁ କମିଟି ପକ୍ଷରୁ ବହୁବାର ଦାବି କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ତେଣୁ ତୁରନ୍ତ ବିଶେଷଜ୍ଞ ଡାକ୍ତର ଯୋଗାଇ ଦେବା ପାଇଁ କମିଟି ପକ୍ଷରୁ ଦାବି କରାଯାଇଛି।

# ଦୁର୍ଘଟଣା ପରେ ୨୦ ଘଣ୍ଟା ରାସ୍ତା ଜାମ

## ତୀବ୍ର ପ୍ରତିବାଦ କଲା କଂଗ୍ରେସ

ଅନୁଗୋଳ,୧୪ (ମାନସ ବିଶ୍ୱାଳ)

ଅନୁଗୋଳ ସହର ହନୁମାନ ବଜାରଠାରେ ରବିବାର ବିଳମ୍ବିତ ରାତିରେ ଏକ ଟ୍ରେଲର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ରାସ୍ତା ଜାମ ହୋଇଯିବାରୁ ଯାତାୟାତରେ ଲୋକେ ପ୍ରବଳ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୀର୍ଘ ୨୦ ଘଣ୍ଟା ପରେ ମଧ୍ୟ ରାସ୍ତାରୁ ଟ୍ରେଲରକୁ ହଟା ନ ଯିବାରୁ ସୋମବାର ରାତି ପ୍ରାୟ ୧୦ଟାରେ କଂଗ୍ରେସ ନେତୃବୃନ୍ଦ ପହଞ୍ଚି ତୀବ୍ର ପ୍ରତିବାଦ କରିଥିଲେ। ଆଇରନ କଏଲ ନେଇ କର୍ନାଟକ ଯାଉଥିବା ଉକ୍ତ ଟ୍ରେଲର ହନୁମାନ ବଜାର ଠାରେ ଭାରସ୍ୟାମ ହରାଇ ରାସ୍ତା ପାର୍ଶ୍ୱରେ ଥିବା କ୍ୟାବିନ ଉପକୁ ମାଡ଼ି ଯାଇଥିଲା। ରାସ୍ତା ଜାମ୍ ସତ୍ତ୍ୱେ ଉକ୍ତ ଟ୍ରେଲରକୁ ରାସ୍ତାରୁ ହଟା ନ ଯିବାରୁ ଜିଲା କଂଗ୍ରେସର ବରିଷ୍ଠ ନେତା ବଳବୀର ସିଂ, ଲୁଲୁ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ସାହୁ, ଶଙ୍କର୍ଷଣ ସାହୁ, ସଂଗ୍ରାମ ବେହେରା, ବିଶ୍ୱଜିତ୍ ବିଶ୍ୱାଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଏହାକୁ ତୀବ୍ର ବିରୋଧ କରିଥିଲେ। ମଙ୍ଗଳବାର ଅପରାହ୍ନରେ ପ୍ରଶାସନ ପକ୍ଷରୁ ଉକ୍ତ ଟ୍ରେଲରକୁ ରାସ୍ତାକୁ ହଟାଯାଇଥିବା ସୂଚନା ମିଳିଛି।

# ଠାକୁରଗଡ଼ ଥାନାରେ ଆମ ପୋଲିସ ସମିତି ବୈଠକ



ବୈଠକରେ ପୋଲିସ କର୍ମଚାରୀମାନେ।

ବଇଣ୍ଡା, ୧୪ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଶଶୀଭୂଷଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ତାପଡୋଲ ଫାଣ୍ଡି ଅଧିକାରୀ ତ୍ରିଲୋଚନ ଖଟୁଆ, ଏସ୍‌ଆଇ ମନୋଜ କୁମାର ବେହେରା, ଯଶୋବନ୍ତି ନାୟକ, ଦେବେନ୍ଦ୍ର କୁମାର ସାହୁ, ପାଇକସାହି ସରପଞ୍ଚ ନିରୋଜ କୁମାର ସାହୁ, ଶତ୍ରୁଘ୍ନ ସାହୁ, ସନ୍ତୋଷ ସାହୁ, ଭଗବାନ ସାହୁ, କୁମୁଦ ମିଶ୍ର, ମାନସ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। କିଭଳି ଚୋରା ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ ହେବ ସେ ନେଇ ପୋଲିସ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଥିଲେ। ସେହିପରି ଟ୍ରାଫିକ ସମସ୍ୟା ସହ ସାଇବର ଠକେଇ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାହାକୁ ଓଟିପି ନ ଦେବାକୁ ପୋଲିସ ଲୋକଙ୍କୁ ସଚେତନ କରାଇଥିଲା।

# ବନ୍ୟଜନ୍ତୁ, ପକ୍ଷୀଙ୍କ ପାଇଁ ପାଣି ବ୍ୟବସ୍ଥା କଲେ ଚିନ୍ମୟୀ

ଅନୁଗୋଳ,୧୪ (ମାନସ ବିଶ୍ୱାଳ)



ଜଙ୍ଗଲ ପାଖ ଗଛରେ ପକ୍ଷୀମାନଙ୍କ ପାଇଁ ପାଣି ବ୍ୟବସ୍ଥା କରୁଛନ୍ତି ଚିନ୍ମୟୀ।

ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ଅନୁଗୋଳ ଅଞ୍ଚଳର ସାମାଜିକ କର୍ମୀ ଚିନ୍ମୟୀ ଦାସ ଗାଁ ଗାଁ ବୁଲି ବନ୍ୟଜନ୍ତୁ ଓ ପକ୍ଷୀଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ସ୍ୱୟଂସହାୟିକା ସଂଘ ସଦସ୍ୟା, ଯୁବ ସମାଜସେବୀ ଓ ବନ ବିଭାଗର କର୍ମଚାରୀମାନେ ତାଙ୍କୁ ଏଥିରେ ସହଯୋଗ କରୁଛନ୍ତି। ଖରା ଯୋଗୁ ବିଭିନ୍ନ ଜଳାଶୟ ଶୁଖିଯାଉଥିବାରୁ ଅନେକ ପଶୁ ପକ୍ଷୀ ପିଇବା ପାଣି ନ ପାଇ ମୃତ୍ୟୁମୁଖରେ ପଡୁଛନ୍ତି। ତେଣୁ ଏହି ଜଳାଭାବର ଶିକାର ହେଉଥିବା ପଶୁ ପକ୍ଷୀଙ୍କ ଜୀବନ ରକ୍ଷା ପାଇଁ ସାମାଜିକ କର୍ମୀ ଚିନ୍ମୟୀ ଦୀର୍ଘ ୧୦ ବର୍ଷ ହେଲା ବିଭିନ୍ନ ଜଙ୍ଗଲ ଓ ପାହାଡ଼ ଚଢ଼ି ମାଟିପାତ୍ର, କୁଡୁଆ, ବୋତଲ, କଳସ ଆଦିରେ ପିଇବା ପାଣି ଓ ଖାଦ୍ୟର ବ୍ୟବସ୍ଥା କରୁଛନ୍ତି। ବିଭିନ୍ନ ଛକରେ ପାଣିକୁଣ୍ଡ ରଖି ପଶୁପକ୍ଷୀମାନେ କିପରି ପିଇବା ପାଣି ସହଜରେ ପାଇପାରିବେ ସେ ନେଇ ବ୍ୟବସ୍ଥା ମଧ କରିଛନ୍ତି। ସ୍ଥାନୀୟ ସ୍ୱୟଂ ସହାୟିକା ସଂଘର ମହିଳା, ବନ କର୍ମଚାରୀ, ଛାତ୍ରୀଛାତ୍ର, ସାମାଜିକ କର୍ମୀ ଏବଂ ମାନବସେବା ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ ତାଙ୍କୁ ସହଯୋଗ କରୁଛନ୍ତି।

# ମହାପୁରୁଷଙ୍କ ଅବଦାନର ସ୍ମୃତିଚାରଣ

ବଇଣ୍ଡା,୧୪ (ପରିକ୍ଷିତ ସାହୁ)

କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର କିଶୋର ସାହିତ୍ୟ ସଂସଦ ଓ ସ୍ନାତକ ମହାବିଦ୍ୟାଳୟ ତରଫରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସାହିତ୍ୟ ସଂସଦ ସଭାପତି ତଥା ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ତଥା ସମ୍ପାଦକ ଜୟକୃଷ୍ଣ ପ୍ରଧାନ, ତରଣୀସେନ ସାହୁ, ଶିକ୍ଷକ କିଶୋରଚନ୍ଦ୍ର ବିଶ୍ୱାଳ, କୁଳମଣି ମେହେର, ଗୋବର୍ଦ୍ଧନ ପ୍ରଧାନ ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସର ଅନୁଚିନ୍ତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଂସ୍କୃତି ଜାଣିଲେ ସଂସ୍କାରିତ ହେବେ ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ତରଣୀସେନ ସାହୁ, କାଜଲ ପ୍ରଧାନ, ଛାତ୍ରୀ ବିଦୁସ୍ମିତା ବିଶ୍ୱାଳ, ପ୍ରଜ୍ଞାପାରମିତା ବେହେରା ଏବଂ ଛାତ୍ର ଦେବେନ୍ଦ୍ର ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଓଡ଼ିଶା ଗଠନରେ ବିଭିନ୍ନ ମହାପୁରୁଷଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ।



କୃତୀ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି

# ଶିକ୍ଷା ସହ ସଂସ୍କାର ଶ୍ରେଷ୍ଠ ନାଗରିକ କରିଥାଏ



ଜଣେ କୃତୀ ଅଭିଭାବକଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଭୁବନ, ୧୪ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋମଳମତି ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହ ସଂସ୍କାର ଦେଲେ ଜୀବନରେ ଶ୍ରେଷ୍ଠ ନାଗରିକ ହୋଇପାରିବେ ବୋଲି କହିଥିଲେ। ଶିକ୍ଷାକେନ୍ଦ୍ର ସଭାପତି ହୃଷୀକେଶ ସାହୁ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷ ଦୀନବନ୍ଧୁ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଭୁବନ ତହସିଲଦାର ସୌମ୍ୟଶଙ୍କର ଦାସ ଓ ସମ୍ପାଦକ ବିଶ୍ୱଭୂଷଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷକ ଫକିର ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୁବନ, ୧୪ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବିନାୟକ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗ ଦେଇଥିଲେ। ବିଦ୍ୟାଳୟ ସଭାପତି ନନ୍ଦକିଶୋର ସାହୁ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ପରାମର୍ଶଦାତା ନରହରି ସାହୁ ମୁଖ୍ୟବକ୍ତା ଓ ସମ୍ପାଦକ ସମୀର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଶିଳ୍ପା ସିଂ, ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ବେହେରା ମଞ୍ଚାସୀନ ଥିଲେ। ୨ୟ ଶ୍ରେଣୀ ଛାତ୍ର କୌସ୍ତୁଭ ଚନ୍ଦ୍ର ବିହାରୀ ଶ୍ରେଷ୍ଠ ଛାତ୍ର ଭାବେ ପୁରସ୍କୃତ ହୋଇଥିଲେ। ଶିକ୍ଷୟିତ୍ରୀ ମୋନାଲିସା ମିଶ୍ର, ଅହଲ୍ୟା ବେହେରା, ସ୍ମୃତିରେଖା ତ୍ରିପାଠୀ, ଟିଙ୍କିନା ସାହୁ, ସ୍ୱର୍ଣ୍ଣପ୍ରଭା ଜେନା, ଅଞ୍ଜଳୀ ପୃଷ୍ଟି, ଶୃପ୍ଲିଳା ବର୍ଦ୍ଧନ ଓ ଶିକ୍ଷକ ସୌଭାଗ୍ୟ ମୁଦୁଲ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ବର୍ଷାରାଣୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଢେଙ୍କାନାଳରେ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ

# ଉଫୁନା ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା

ଢେଙ୍କାନାଳ,୧୪ (ରତନ ନାୟାର)

ଢେଙ୍କାନାଳରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ସୋମାବାର ଏକ ଆଭାସୀ ବୈଠକ ମାଧ୍ୟମରେ ଢେଙ୍କାନାଳ ରଥଗଡ଼ାସ୍ଥିତ ଉଫୁନା ପକ୍ଷରୁ ସ୍ୱାଗତ କରାଯାଇଛି। ଉଫୁନାର ଜାତୀୟ ଉପସଭାପତି ଆଡ୍‌ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏମ୍‌ପି ରୁଦ୍ରନାରାୟଣ ପାଣି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏହି ସଭାରେ ଉଫୁନାର ମହାସଚିବ ଡ.ଦୀପାୟନ ପଟ୍ଟନାୟକ, ୟୁନେସ୍କୋର ରାଜ୍ୟ ସଂଯୋଜକ କବି ବାହାଦୂର ପାଟ୍ଟସାହାଣୀ, ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ, ପୂର୍ବତନ ଚିଫ୍ ଇଞ୍ଜିନିୟର ଅକ୍ଷୟ କୁମାର ଶତପଥୀ, ବରିଷ୍ଠ ଶିକ୍ଷାବିତ୍ ଡା.ଦେବୀ ପ୍ରସାଦ ମିଶ୍ର, ଡ. ଅନୁପମା ମିଶ୍ର, ସୁଜାତା ପଟ୍ଟନାୟକ, ବର୍ଷା ପଟ୍ଟନାୟକ, ସୌମ୍ୟରଞ୍ଜନ ପଟ୍ଟନାୟକ, ଆଡ୍‌ଭୋକେଟ୍ ଉପମା ସାମଲ, ରୋମେନା ବେଗମ୍, ପରିବେଶବିତ୍ ଉପେନ୍ଦ୍ର କୁମାର ରାଉତ, ଡ.ପ୍ରମୋଦ ନାୟକ, ଡ.ସମୀର କୁମାର ସାହୁ, ରବିନାରାୟଣ ସେଠୀ, ବସନ୍ତ ବିଶ୍ୱାଳ, ପୀତବାସ ସାହୁ, ଆଡଭୋକେଟ୍ ନିର୍ମଳା ମହାପାତ୍ର, କବି କାଦମ୍ବରୀ ମହାକୁଡ଼, ଡ.ମାନସୀ କର, ଡ. କବିତା ମହାନ୍ତି, ମମତା ମିଶ୍ର, ମୈତ୍ରେୟୀ ଶୁଭଦା, ଆଡ୍‌ଭୋକେଟ୍ ନିବେଦିତା ରଥ, ସୁକାନ୍ତି ସାହୁ, ଡ.ପ୍ରମୋଦ ପରିଡା, ଲିଙ୍କୁ ପତି, କାହ୍ନୁ ଚରଣ ବାରିକ, ଲଳିତ ବେହେରା, ପ୍ରେମାନନ୍ଦ ଶତପଥୀ, ଚନ୍ଦ୍ରମଣି ନାୟକ, ବସନ୍ତ ବିଶ୍ୱାଳ, ଚିତ୍ତ ରଞ୍ଜନ ମହାନ୍ତି, ତରୁଣ କୁମାର ବିଶ୍ୱାଳ ପ୍ରମୁଖ ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ।

# ହନୁମାନଙ୍କ ପ୍ରତିଷ୍ଠା ମହୋତ୍ସବ

ବନ୍ତଲା,୧୪ (ସୁଜିତ ସାହୁ)

ଅନୁଗୋଳ ବ୍ଲକ ବଡ଼କେରା ପଞ୍ଚାୟତ ଗୁମୁଣି ଗ୍ରାମରେ ହନୁମାନ ବିଗ୍ରହଙ୍କ ୧୨ତମ ପ୍ରତିଷ୍ଠା ମହୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ସୋମବାର ଯଜ୍ଞମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ପରେ ଯଜ୍ଞାଗ୍ନି ସ୍ଥାପନ ହୋଇଥିଲା। ହନୁମାନଙ୍କୁ ୧୦୮ ସୁବାସିତ ଜଳ କୁମ୍ଭରେ ମହାସ୍ନାନ, ଷୋଡଶ ଉପଚାରରେ ପୂଜା କରାଯାଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ପାଖଆଖ ଅଞ୍ଚଳର ନାମ ସଂକୀର୍ତ୍ତନ ଦଳ ହରିନାମ ପରିବେଷଣ କରିଥିଲେ। ସରପଞ୍ଚ ହାଡ଼ିବନ୍ଧୁ ବେହେରା, ସୁବୁଧି ସିଂହ, ଶିବ ମହାଳିକ, ସତ୍ୟବ୍ରତ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ପଣ୍ଡିତ ଜ୍ୟୋତିରଞ୍ଜନ ଆଚାର୍ଯ୍ୟ, ଦୀନବନ୍ଧୁ ପାଳଶର୍ମା ଓ ପଦ୍ମନାଭ ପାଳଶର୍ମା ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମ ସଭାପତି ଦୁଷ୍ମନ୍ତ ଖୁଣ୍ଟିଆ ଓ ଦେଉଳସାହି ସଭାପତି ବରୁଣ ସାହୁ ତଥା ଅନୁଷ୍ଠାନ ସଭାପତି ଭଗବାନ ବିଶ୍ୱାଳ, ସମ୍ପାଦକ ଅଟଳବିହାରୀ ଖୁଣ୍ଟିଆ, କୋଷାଧ୍ୟକ୍ଷ ସୁଗ୍ରୀବ ବେହେରା, ସୌରା ଦେହୁରୀ, ପପୁନ ଖୁଣ୍ଟିଆ, କୁବିର ମହାରଣା, ଆଦିକନ୍ଦ ବେହେରା, ତାପସ ଖୁଣ୍ଟିଆ, ସନ୍ତୋଷ ଦେହୁରୀ, ସତ୍ୟାନନ୍ଦ ବେହେରା, ସୁଧାକର ବିଶ୍ୱାଳ, କାଲୁ ଦାସ, ରଣଜିତ୍ ବିଶ୍ୱାଳ, ଅଜୟ ବିଶ୍ୱାଳ, ସୁବଳ ଖୁଣ୍ଟିଆ, ରିତେଶ ଖୁଣ୍ଟିଆ, କାଳିଆ ଖୁଣ୍ଟିଆ, କେଶବ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ହନୁମାନଙ୍କ ପ୍ରତିଷ୍ଠା ମହୋତ୍ସବ ଅବସରରେ ଯଜ୍ଞ ଚାଲିଛି।

# ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ



ବୈଠକରେ ଉପସ୍ଥିତ ଅଞ୍ଚଳବାସୀ।

ଛେଣ୍ଡିପଦା,୧୪ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ କୋଶଳାସ୍ଥିତ ମା'ରାମଚଣ୍ଡୀଙ୍କ ପ୍ରାର୍ଥନା ମଣ୍ଡପରେ କୋଶଳା, କୋରଡ଼ା, ଦୁର୍ଗାପୁର ଓ ବରପଦା ଗ୍ରାମର ଯୁବଗୋଷ୍ଠୀଙ୍କୁ ନେଇ 'ମୋ ହକ୍ ପାଇଁ ମୁଁ ଲଢ଼ିବି' ସ୍ଲୋଗାନ ସମ୍ପର୍କିତ ଏକ ବୈଠକ ଅବିନାସ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ବୀରେନ ସାହୁଙ୍କ ପରିଚାଳନାରେ ଏହା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ହେଉଥିବା ଖଣି ଖାଦନରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି, କମ୍ପାନୀଗୁଡ଼ିକର ପରିବେଶ ପ୍ରତି ସଚେତନତା, ରାସ୍ତାରେ ପ୍ରଦୂଷଣ ରୋକିବା, ସ୍ଥାନୀୟ ବ୍ୟବସାୟୀଙ୍କୁ ଅଗ୍ରାଧିକାର ଓ ସ୍ଥାନୀୟ ଗାଡ଼ିଗୁଡ଼ିକୁ ଖଣି ଖାଦନରେ କାର୍ଯ୍ୟକ୍ଷମ କରାଇବା ଏହି ବୈଠକର ଉଦ୍ଦେଶ୍ୟ ଥିଲା। ଏହାକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଅଶୋକ କୁମାର ସାହୁ, କବିରାଜ ସାହୁ, ଗିରିଶ ବେହେରା, ଅଜୟ ବେହେରା, ତପନ ନାୟକ, ଚିକୁନ ପ୍ରଧାନ, ତ୍ରିନାଥ ସାହୁ, ଅଜୟ ବେହେରା, ଲିପୁ ସାହୁ, ମାନସ ଗଡ଼ନାୟକ, ରଶ୍ମିରଞ୍ଜନ ସିଂ ପ୍ରମୁଖ ସହଯୋଗ କରିଥିଲେ।

# ରାଷ୍ଟ୍ର ଗଠନରେ ଶିକ୍ଷକ ନିଜକୁ ସାମିଲ କରନ୍ତୁ



ହିନ୍ଦୁ ନବବର୍ଷ ପାଳନ ଅବସରରେ ଅତିଥିଙ୍କ ସହ ଅନୁଷ୍ଠାନର କର୍ମକର୍ତ୍ତାମାନେ।

ଅନୁଗୋଳ,୧୪ (ମାନସ ବିଶ୍ୱାଳ)

ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବୌଦ୍ଧିକ ମଣ୍ଡପରେ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ସଭାପତି ସଞ୍ଜୀବ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ତାମଡାର ପୂର୍ବତନ ଅଧ୍ୟକ୍ଷ ଶକ୍ତି ପ୍ରସାଦ ପଟ୍ଟନାୟକ ଯୋଗଦେଇ ରାଷ୍ଟ୍ର ଗଠନରେ ଶିକ୍ଷକମାନେ କିପରି ନିଜକୁ ସାମିଲ କରିପାରିବେ ଏବଂ ରାଷ୍ଟ୍ର ହିତରେ କାର୍ଯ୍ୟ କରିବେ ତାହା ଉପରେ ବକ୍ତବ୍ୟ ରଖିଥିଲେ। ଆର୍‌ଏସ୍‌ଏସ୍ ଜିଲା ଶାଖା ପରିଚାଳକ ବିଜୟ ସାହୁ ମୁଖ୍ୟବକ୍ତା ଓ ଶୈକ୍ଷିକ ମହାସଂଘ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତରଣୀସେନ ସାହୁ ସମ୍ମାନିତ ଅତିଥି, ଜିଲା ସାଧାରଣ ସମ୍ପାଦକ ଦୀପକ ସାହୁ ଓ ସଙ୍ଗଠନ ସମ୍ପାଦକ ମନୋଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ଅଶୋକ ପ୍ରଧାନ ଶାନ୍ତିସ୍ତବକ ପାଠ କରିଥିଲେ।

# ସଙ୍ଗଠନ ମଜଭୁତ ଉପରେ ଗୁରୁତ୍ୱ

ପବିତ୍ରନଗର,୧୪ (ନିରୋଜ ପ୍ରଧାନ)

କଣିହାଁ ବ୍ଲକର ୧୦ ଓ ୮ ନଂ. ଜୋନ୍‌ସ୍ତରୀୟ ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପବିତ୍ରନଗର ସତ୍‌ସଙ୍ଗ କେନ୍ଦ୍ର ପରିସରରେ ଆୟୋଜିତ ଏହି ବୈଠକରେ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପାଲଲହଡାର ପୂର୍ବତନ ବିଧାୟକ ମୁକେଶ ପାଲ ଯୋଗଦେଇ ୱାର୍ଡ ଓ ପଞ୍ଚାୟତସ୍ତରରେ ନୂତନ କମିଟି ଗଠନ କରିବା ସହ ତୃଣମୂଳସ୍ତରରେ ସଙ୍ଗଠନକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୁବନେତା ସୁବାସ ଚନ୍ଦ୍ର ମହାନ୍ତି, ଗଗନ ରାଉତ, ଯୁଗଳ କିଶୋର ସାହୁ, ପର୍ଶୁରାମ ବିଶ୍ୱାଳ, ଝଶକେତନ ପ୍ରଧାନ, ଗିରିଶ ସାହୁ, ଦେବାଶିଷ ମହାନ୍ତି, କରୁଣାକର ପ୍ରଧାନ, ପୁରୁଷୋତ୍ତମ ସାହୁ, ଜୟନ୍ତ ପ୍ରଧାନ, ପ୍ରଶାନ୍ତ ସାହୁ, ମାଧବ ସାମଲ, ବାବୁଲା ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

# ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ତାଳଚେର,୧୪ (ମନୋଜ ନନ୍ଦ)

ତାଳଚେର ଥର୍ମାଲ ପରିଚାଳିତ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏନ୍‌ଟିପିସି /ଟିଟିପିଏସ୍ ମହାପ୍ରବନ୍ଧକ ବିଜୟ ଚାନ୍ଦ, ସମ୍ମାନିତ ଅତିଥି ଭାବେ ଏନ୍‌ଟିପିସି ଟିଟିପିଏସ୍ ସାଗରିକା ମହିଳା ମଣ୍ଡଳ ସଭାନେତ୍ରୀ ଭିଭା ଅଗ୍ରୱାଲ, ଜିଏମ୍ ପ୍ରୋଜେକ୍ଟ ଡ. ଜେ. ପି. ରାୟ, ଏଜିଏମ୍ ଏଚ୍‌ଆର୍ ରୋହିତ କୁମାର, ଏଜିଏମ୍ ସିଭିଲ ଧର୍ମବୀର ସିଂହ, ଏଜିଏମ୍ ଇଲେକ୍ଟ୍ରିକାଲ ଅଞ୍ଜନ କୁମାର ସାହୁ, ଏଚ୍‌ଆର୍ ଅନିଲ କୁମାର ଲାକ୍ରା, ସିନିୟର ମ୍ୟାନେଜର ଏଚ୍‌ଆର୍ ଡକ୍ଟର ଶଶିଭୂଷଣ ମିଶ୍ର ଓ ସେକ୍ରେଟାରି ସାଗରିକା ମହିଳା ମଣ୍ଡଳ ଶର୍ମିଷ୍ଠା ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପତ୍ରିକା 'ବର୍ଣ୍ଣ' ଉନ୍ମୋଚନ ସହ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ତାଳଚେର ନିକଟବର୍ତ୍ତୀ ସମସ୍ତ ଡିଏଭି ସ୍କୁଲ ଅଧ୍ୟକ୍ଷା ଓ ଅଧ୍ୟକ୍ଷ ଯୋଗ ଦେଇଥିଲେ। ସ୍କୁଲ ଅଧ୍ୟକ୍ଷ ଡ. ସମୀର କୁମାର କାନୁନ୍‌ଗୋଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ରବୀନ୍ଦ୍ର କୁମାର ଗୌଡା ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

# ଶିକ୍ଷକ ତତ୍ପର ହେଲେ ଶିକ୍ଷାର ବିକାଶ ହୋଇଥାଏ

ବଇଣ୍ଡା, ୧୪ (ପରିକ୍ଷିତ ସାହୁ)

ଶିକ୍ଷକ ସମାଜ ସର୍ବଦା ଶିକ୍ଷାର ବିକାଶ ପାଇଁ ତତ୍ପର ହୋଇ ମଣିଷ ତିଆରି କରିଥାନ୍ତି। କିଶୋରନଗର ବ୍ଲକ ବାମୁର ଶିଶୁମନ୍ଦିରର ୧୧ ତମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କିଶୋରନଗର ତହସିଲଦାର ବିକ୍ରମ କେଶରୀ ନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ନିରଞ୍ଜନ ଦାସ, ଅନ୍ୟତମ ଅତିଥି ଭାବେ ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

